# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13 September - 2024**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା; କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

— ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନର ବିକାଶ ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହେଲା ମୌସୁମୀ ବୈଠକ

- ରାଜ୍ୟର ନିରାମୟ କେନ୍ଦ୍ରଗୁଡ଼ିକରେ ରୋଗୀଙ୍କୁ ସହଜରେ ଔଷଧ ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନିଆଯିବ; କହିଲେ ବିଭାଗୀୟ ମନ୍ତ୍ରୀ

- ଚାନ୍ଦିପୁରସ୍ଥିତ ସମନ୍ୱିତ କ୍ଷେପଣାସ୍ତ୍ର ଘାଟିରୁ **VL-SRSAM** କ୍ଷେପଣାସ୍ତ୍ରର ଦ୍ୱିତୀୟ ବ୍ୟବହାରିକ ସଫଳ ପରୀକ୍ଷଣ

ଏବଂ

- ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୩ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ମୌସୁମୀ ବୈଠକ

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୧ ହଜାର ୪୨୩ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପ୍ରଣୟନ କରାଯିବ। ଏହି ଯୋଜନା ପ୍ରଣୟନ ହେବା ଫଳରେ କ୍ଷୁଦ୍ର ଦୁଗ୍ଧ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା, ଗୋଶାଳା ପ୍ରତିଷ୍ଠା, ସବ୍‌ସିଡି ଯୁକ୍ତ ଗୋଖାଦ୍ୟ ଯୋଗାଇବା, ପଶୁପାଳନ ବୀମା ଅଧୀନରେ ଅର୍ଥ ପ୍ରଦାନ ଏବଂ ଦୁଗ୍ଧ ସମବାୟ ସମିତିକୁ ମଜବୁତ୍ କରିବାରେ ଏହା ସହାୟକ ହେବ।

ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନର ବିକାଶ ପାଇଁ ଆଜି ମୌସୁମୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏ-ହେଲ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହାସହ କଟକ ନରାଜର ତାଳଗଡ଼ରେ ନବସ୍ଥାନାନ୍ତରିତ କେନ୍ଦ୍ରୀୟ କୁକୁଟ ବିକାଶ ସଂଗଠନ ୟୁନିଟ୍‌ର ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱରରେ ଆରମ୍ଭ ହେବାକୁଥିବା ଓମ୍‌ଫେଡ୍ ଭେଣ୍ଡିଂ ମେସିନ୍‌ର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ମେସିନ୍ ଜରିଆରେ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଗ୍ରାହକ ଓମ୍‌ଫେଡ୍‌ର ସମସ୍ତ ସାମଗ୍ରୀ ପାଇପାରିବେ।

ପ୍ରଥମ ପର୍ଯ୍ୟାୟରେ ଜନପଥରେ ଏହାର ଆରମ୍ଭ ହେବ। ପରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ମେସିନ୍ ସ୍ଥାପନ କରାଯିବ। ଏହି

କାର୍ଯ୍ୟକ୍ରମରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଏବଂ ଓମ୍‌ଫେଡ୍ ମଧ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରାଜୀବ ରଂଜନ ସିଂ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂହ ବାଘେଲ, ଜର୍ଜ କୁରିଅନ, ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ସମେତ ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ଯୋଗ ଦେଇଥିଲେ।

## ସମୀକ୍ଷା ବୈଠକ

ଭୁବନେଶ୍ୱରଠାରେ କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସଚିବ ଅଲକା ଉପାଧ୍ୟାୟ ବିଭାଗୀୟ ପୂର୍ବାଞ୍ଚଳ ରାଜ୍ୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ଛତିଶଗଡ଼, ଝାଡଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ମେଘାଳୟ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗଦେଇଥିଲେ। ରାଜ୍ୟରେ ଚାରା ଅଭାବ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅଧିକ ଉତ୍ପାଦନକ୍ଷମ ଗାଇ ସଂଖ୍ୟା ବୃଦ୍ଧି କରିବାକୁ ଏ ଦିଗରେ ରଣନୀତି ପ୍ରସ୍ତୁତ କରିବାକୁ ଶ୍ରୀମତୀ ଉପାଧ୍ୟାୟ ବୈଠକରେ ପରାମର୍ଶ ଦେଇଥିଲେ। ଜାତୀୟ ପଶୁସମ୍ପଦ ମିଶନର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଅଧୀନରେ ପ୍ରଜନନ ଫାର୍ମ ପ୍ରତିଷ୍ଠା କରିବାକୁ ରାଜ୍ୟଗୁଡ଼ିକର ଉଦ୍ୟମକୁ ସ୍ୱୀକୃତି ଦିଆଯାଇଛି ବୋଲି ସେ କହିଥିଲେ। ଏକବିଂଶ ପଶୁସମ୍ପଦ ଜନଗଣନାର ସଫଳତା ନିଶ୍ଚିତ କରିବାକୁ ସମସ୍ତ ହିତାଧିକାରୀମାନଙ୍କୁ ସାମୁହିକ ଦାୟିତ୍ୱ ପ୍ରଦାନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

## କ୍ଷେପଣାସ୍ତ୍ର ପରୀକ୍ଷଣ

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ ସମନ୍ୱିତ କ୍ଷେପଣାସ୍ତ୍ର ଘାଟିରୁ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରିପାରୁଥିବା SR-SAM କ୍ଷେପଣାସ୍ତ୍ରର ଦ୍ୱିତୀୟ ବ୍ୟାବହାରିକ ସଫଳ ପରୀକ୍ଷଣ କରାଯାଇଛି । ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ-ଡିଆରଡିଓ ଏବଂ ଭାରତୀୟ ନୌସେନା ପକ୍ଷରୁ ଭର୍ଟିକାଲ ଲଞ୍ଚରରୁ ଏହାର ଉତ୍କ୍ଷେପଣ କରାଯାଇଥିଲା। ଆକାଶରେ ଦ୍ରୁତଗତିରେ ଯାଉଥିବା ଲକ୍ଷ୍ୟକୁ ସଠିକ୍ ଭାବେ ପିଛା କରି ଏହା ଲକ୍ଷ୍ୟଭେଦ କରିଥିଲା। ଏହି ପରୀକ୍ଷଣ ସଫଳ ହେବା ପରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ଭାରତୀୟ ନୌସେନାକୁ ପ୍ରଶଂସା କରିଛନ୍ତି। ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଭାରତୀୟ ସେନାକୁ ଅଧିକ ଶକ୍ତିଶାଳୀ କରିବ ବୋଲି ଶ୍ରୀ ସିଂ କହିଛନ୍ତି। ସୂଚନାଯୋଗ୍ୟ, ଗତକାଲି  ୩ ନମ୍ବର ଲଞ୍ଚ୍ ପ୍ୟାଡ୍‌ରୁ SR-SAM କ୍ଷେପଣାସ୍ତ୍ରର ପ୍ରଥମ ବ୍ୟବହାରିକ ପରୀକ୍ଷଣ କରାଯାଇଥିଲା।

## ରତ୍ନଭଣ୍ଡାର ନିରୀକ୍ଷଣ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏଏସ୍ଆଇ ପକ୍ଷରୁ  ଆସନ୍ତା ୧୮ ତାରିଖରେ ହେବାକୁଥିବା ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ପାଇଁ ବିଶେଷ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ଏଏସ୍ଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଂଚ ହେବ। ଏଥିପାଇଁ ୧୮ ତାରିଖ ବୁଧବାର ଦିନ ଅପରାହ୍ଣ ଗୋଟାଏରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରଦ୍ଧାଳୁମାନେ ସିଂହଦ୍ୱାରପଟେ ବାଇଶିପାହାଚ ଦେଇ ଆନନ୍ଦବଜାରରୁ ମହାପ୍ରସାଦ କ୍ରୟ କରିପାରିବେ। ପୂର୍ବରୁ ସରକାରଙ୍କ

ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି ।

## ସୁଭଦ୍ରା ଯୋଜନା-ବୈଠକ

**ନୟାଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ଯୋଜନା ଉପରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଜନତା ମୈଦାନରେ ଆସନ୍ତା ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଭଦ୍ରା ଯୋଜନାର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାରୁ ୨ ହଜାର ଯୋଗ୍ୟ ହିତାଧିକାରୀ ଏଥିରେ ଯୋଗ ଦେବେ ବୋଲି ଜିଲ୍ଲାପାଳ କହିଛନ୍ତି ।

**କେନ୍ଦ୍ରାପଡା** ଜିଲ୍ଲାରେ ସୁଭଦ୍ରା ସ୍ୱାଗତ ପଦଯାତ୍ରାର ସଫଳ ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ରବିବାର ଦିନ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ଜିଲ୍ଲାର ସଦର ମହକୁମା, ପୌରାଞ୍ଚଳ, ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ପଦଯାତ୍ରାମାନ ଅନୁଷ୍ଠିତ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ ।

## ସୁଭଦ୍ରା ଯୋଜନା

**ନୂଆପଡ଼ା** ଜିଲ୍ଲାରେ ସୁଭଦ୍ରା ଯୋଜନାର ପଞ୍ଜୀକରଣ କାର୍ଯ୍ୟର ଜିଲ୍ଲାପାଳ ମଧୁସୂଦନ ଦାସ ଆଜି ଜନସେବା କେନ୍ଦ୍ରଗୁଡ଼ିକରେ ସ୍ଥିତି ନିରୀକ୍ଷଣ କରିଛନ୍ତି । ସୁଭଦ୍ରା ଯୋଜନା ପାଇଁ ପଞ୍ଜୀକରଣ ନିମନ୍ତେ କୌଣସି ଦେୟ

ଦେବାକୁ ପଡିବ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ ସମ୍ପୃକ୍ତ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

ଗଞ୍ଜାମ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଉମେଶ ଚନ୍ଦ୍ର ତ୍ରିପାଠୀ ଜିଲ୍ଲାପାଳଙ୍କ ସହ ସୁଭଦ୍ରା ଯୋଜନାର ପଞ୍ଜୀକରଣ କରୁଥିବା ଜନସେବା କେନ୍ଦ୍ରଗୁଡ଼ିକୁ ବୁଲି ସମୀକ୍ଷା କରିଛନ୍ତି।

## ରାସ୍ତା ମରାମତି କାମ

କଟକ-ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ସହରରେ ଆସନ୍ତା ଅକ୍ଟୋବର ୫ ତାରିଖ ସୁଦ୍ଧା ରାସ୍ତା ମରାମତି କାର୍ଯ୍ୟ ଶେଷ ହେବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରଥମ ଥର ଲାଗି ଆଜି ବସିଥିବା ସ୍ୱତନ୍ତ୍ର ବୈଠକ ପରେ ସେ ଏହି ସୂଚନା ଦେଇଛନ୍ତି। ଏଥିସହ ଜଳବନ୍ଦୀ ସମସ୍ୟା ଦୂର ପାଇଁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀ-ଔଷଧ ନିଗମ ବୈଠକ

ଓଡ଼ିଶା ରାଜ୍ୟ ଔଷଧ ନିଗମର ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ ଦେଇଛନ୍ତି। ରାଜ୍ୟରେ ଯେପରି ଉନ୍ନତମାନର ଔଷଧ ରୋଗୀମାନଙ୍କୁ ମିଳିପାରିବ ସେ ଦିଗରେ ବୈଠକରେ ଆଲୋଚନା ହୋଇଥିଲା। ନିରାମୟ କେନ୍ଦ୍ରରେ ସାଧାରଣ ରୋଗୀଙ୍କୁ ସମସ୍ତ ଔଷଧ ସହଜରେ ମିଳିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଥିଲେ।

## ବାର୍ଡ ଫ୍ଲୁ

**କେନ୍ଦ୍ରାପଡା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବାର୍ଡ ଫ୍ଲୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ କୁକୁଡାମରା ଅଭିଯାନ ସରିବା ପରେ ଆସନ୍ତାକାଲିଠାରୁ ସଂକ୍ରମିତ ଅଂଚଳକୁ ବିଶୋଧନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ମଶାରୀ ବଣ୍ଟନ

**ବୌଦ୍ଧ** ଜିଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ଦୁର୍ଗମ ଅଂଚଳରେ ମ୍ୟାଲେରିଆ ନିରାକରଣ ପାଇଁ ସ୍ୱାସ୍ଥ୍ୟବିଭାଗକୁ ତ୍ୱରିତ ପଦକ୍ଷେପ ନେବାକୁ ସେ କହିଛନ୍ତି। ଏ ସମ୍ପର୍କରେ ପରୀକ୍ଷା, ଚିକିତ୍ସା ଏବଂ ତଦାରଖକୁ ସଠିକ୍ ଭାବେ ପରିଚାଳନା କରିବାକୁ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନିଯୁକ୍ତି ମେଳା

**ବୌଦ୍ଧ** ସହର ଟାଉନ୍‌ହଲ୍ ଏବଂ ଭୈରବୀ ଡିଗ୍ରୀ କଲେଜ୍‌ଠାରେ ଆସନ୍ତା ୨୫ ଓ ୨୬ ତାରିଖରେ ନିଯୁକ୍ତିମେଳା ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ବୌଦ୍ଧ ଜିଲ୍ଲା ଦକ୍ଷତାବିକାଶ କମିଟିର ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଏହି

ନିଯୁକ୍ତିମେଳା କିପରି ସଫଳତାର ସହ ସମ୍ପନ୍ନ ହେବ ଏହାକୁ ନେଇ ଏକ ଖସଡା ପ୍ରସ୍ତୁତ କରାଯାଇଥିଲା ।

## ବହୁଭାଷୀ ପ୍ରଶିକ୍ଷଣ ଶିବିର

**ନୟାଗଡ଼** ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ଡିମିରିପାଲ୍ଲୀ ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାରେ ଆଶ୍ରମ ଓ ସେବାଶ୍ରମରେ କାର୍ଯ୍ୟରତ ସେବକ ଓ ସେବିକାମାନଙ୍କ ପାଇଁ ୪ ଦିନିଆ ବହୁଭାଷୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ବିଶିଷ୍ଟ ଭାଷାବିତ୍, ସାହିତ୍ୟିକ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀମାନେ ଯୋଗଦେଇଥିଲେ ।

## ସ୍ୱଚ୍ଛତା ପକ୍ଷ

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ 'ସ୍ୱଚ୍ଛତା ହିଁ ସେବା' ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମରୁ ସହର ପର୍ଯ୍ୟନ୍ତ ନିଜ ଅଂଚଳର ପରିବେଶକୁ ସ୍ୱଚ୍ଛ ରଖିବାକୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

## ବିଜ୍ଞାନ ଡ୍ରାମା

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜୋନାଲସ୍ତରୀୟ ବିଜ୍ଞାନ ଡ୍ରାମାରେ କୃତିତ୍ୱ ହାସଲ କରିଥିବା

ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ଶିକ୍ଷକ, ଶିକ୍ଷା ଓ ରାଜ୍ୟ ଶୈକ୍ଷିକ ଗବେଷଣା ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜୋନାଲ ସ୍ତରର ୬ଟି ନୟାଗଡ଼, ବୌଦ୍ଧ, ବଲାଙ୍ଗିର, କନ୍ଧମାଳ ଓ ଗଜପତି ଜିଲ୍ଲାର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ପାଣିପାଗ

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଏହାର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୩ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଏହି ସମୟ ମଧ୍ୟରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ସମୁଦ୍ର ଅଶାନ୍ତ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

ଅନ୍ୟପକ୍ଷରେ, ହୀରାକୁଦ ଜଳଭଣ୍ଡାରରେ ଆଉ ୪ଟି ଗେଟ୍ ଖୋଲିବା ପରେ ବର୍ତ୍ତମାନ ୧୬ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି।

*****************************